
# ଜଗନ୍ନାଥଙ୍କ ଜଣା ଅଜଣା ପ୍ରସଙ୍ଗ

ବିଚିତ୍ରାନନ୍ଦ ବାରିକ

**ଶ୍ରୀ**ମନ୍ଦିରର ଉଚ୍ଚତା ୬୬ ମିଟର । ଏହି ମନ୍ଦିରର ଚାରିଗୋଟି ଦ୍ୱାର ରହିଛି । ପୂର୍ବରେ ଥିବା ଦ୍ୱାରକୁ ସିଂହଦ୍ୱାର କୁହାଯାଏ । ଏହି ଦ୍ୱାର ସମ୍ମୁଖରେ ଅରୁଣ ସ୍ତମ୍ଭ ରହିଛି । ଅରୁଣ ଓ ଗରୁଡ଼ ଦୁହେଁ ବିନତି ନନ୍ଦନ । ଗରୁଡ଼ ବିଷ୍ଣୁଙ୍କର ବାହାନ । ଅରୁଣ ସୂର୍ଯ୍ୟଙ୍କ ବାହାନ ଗରୁଡ଼ ବିଷ୍ଣୁଙ୍କ ସମ୍ମୁଖରେ ଓ ଅରୁଣ ସୂର୍ଯ୍ୟଙ୍କ ରଥରେ ରହନ୍ତି । କିନ୍ତୁ ଏଠି ଆଶ୍ଚର୍ଯ୍ୟର କଥା ହେଲା ଯେ ଅରୁଣ ଶ୍ରୀନାରାୟଣ ଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିର ସମ୍ମୁଖରେ । ଅରୁଣ ସ୍ତମ୍ଭର ଉଚ୍ଚତା ୧୨ ମିଟର । ମନ୍ଦିର ମଧ୍ୟରେ ଥିବା ମୁକ୍ତି ମଣ୍ଡପକୁ ରାଜା ପ୍ରତାପରୁଦ୍ର ଦେବ ନିର୍ମାଣ କରିଥିଲେ । ରାଜା ପୁରୁଷୋତ୍ତମ ଦେବ ଶ୍ରୀମନ୍ଦିରରେ ଥିବା ନାଟ ମନ୍ଦିର ଓ ଭୋଗ ମଣ୍ଡପକୁ ନିର୍ମାଣ କରିଥିଲେ । ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ ରାଜା ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଥିବା ବେଳେ ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ଦ୍ୱିତୀୟ ଅନଙ୍ଗଭୀମ ଦେବ (ଚୋଡ଼ଗଙ୍ଗ ଦେବଙ୍କ ଚତୁର୍ଥ ପୁତ୍ର) ସମ୍ପୂର୍ଣ୍ଣ କରିଥିଲେ । ତୃତୀୟ ଅନଙ୍ଗଭୀମ ଦେବଙ୍କ ଦ୍ୱାରା ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଲାଗି ଷାଠିଏ ପଉଟି ଭୋଗର ପ୍ରଚଳନ କରାଯାଇଥିଲା ।

**ଶ୍ରୀମନ୍ଦିରରେ ବିଭିନ୍ନ ମଣ୍ଡପ -** ଶ୍ରୀମନ୍ଦିର ମଧ୍ୟରେ ୨୨ ଗୋଟି ମଣ୍ଡପ ରହିଛି । ସେଗୁଡ଼ିକର ନାମ ଯଥାକ୍ରମେ - ୧. ଭେଟ ମଣ୍ଡପ, ୨. ଚାହାଣୀ ମଣ୍ଡପ, ୩. ସ୍ନାନ ମଣ୍ଡପ, ୪. ପ୍ରସାଦ ମଣ୍ଡପ, ୫. ବୈକୁଣ୍ଠ ମଣ୍ଡପ, ୬. ବକୁଳ ମଣ୍ଡପ, ୭. ନିର୍ମାଲ୍ୟ ମଣ୍ଡପ, ୮. ଭୋଗ ମଣ୍ଡପ, ୯. ମୁକ୍ତି ମଣ୍ଡପ, ୧୦. ମାଜଣା ମଣ୍ଡପ, ୧୧. ଜଳକ୍ରୀଡ଼ା ମଣ୍ଡପ, ୧୨. ନାଭିକଟା ମଣ୍ଡପ, ୧୩. ଦେବ ସଭା ମଣ୍ଡପ, ୧୪. ଅଚିନ୍ତା ମଣ୍ଡପ, ୧୫. ନାଟପା ମଣ୍ଡପ, ୧୬. ବଲ୍ଲଭ ମଣ୍ଡପ, ୧୭. ରତ୍ନ ମଣ୍ଡପ, ୧୮. ଅନ୍ତର୍ବେଦୀ ମଣ୍ଡପ, ୧୯. ଦୋଳବେଦୀ ମଣ୍ଡପ, ୨୦. ଆଡ଼ପ ମଣ୍ଡପ, ୨୧. ବଳି ମଣ୍ଡପ, ୨୨. ଯଜ୍ଞ ମଣ୍ଡପ ।

ପୃଥିବୀର ସର୍ବ ପୁରାତନ ସାତ୍ତ୍ୱିକ ଭୋଜନାଳୟ ହେଉଛି ଶ୍ରୀମନ୍ଦିରର ପବିତ୍ର ରୋଷଘର । ଏହାର ଦ୍ୱାର ଦେଶରେ ଶ୍ରୀଗଣେଶ ଦେବତା ଅବସ୍ଥାନ କରିଛନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦୈନିକ ନୀତି



ପରିପ୍ରେକ୍ଷୀରେ ଦ୍ୱାରଫିଟା ଓ ମଙ୍ଗଳ ଆଳତି ବା ସାହାଣ ମେଲା ବା ସର୍ବସାଧାରଣ ଦର୍ଶନ ପ୍ରତ୍ୟହ ଭୋର ୫ଟାଠାରୁ ସକାଳ ୮ଟା ପର୍ଯ୍ୟନ୍ତ ଚାଲିଥାଏ । ତ୍ରିତତ୍ତ୍ୱରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ତ୍ରିମୂର୍ତ୍ତି ବୋଲି କୁହାଯାଇଥାଏ । ବଳରାମ ଦାସ ତ୍ରିମୂର୍ତ୍ତି ତତ୍ତ୍ୱ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ,ଏହି ତ୍ରିମୂର୍ତ୍ତି ତତ୍ତ୍ୱ ହିଁ ଚକାନୟନ ।

‘ଡୋଳା ଭିତରେ ଧଳା ଯେହୁଁ
ଶ୍ରୀବଳଭଦ୍ର ଅଟେ ସେହୁଁ
ତଥି ଉପରେ କଳା ଯେହୁଁ
ସୁଭଦ୍ରା ଠାକୁରାଣୀ ସେହୁଁ
ତହିଁରେ ପିତୁଳା ଯେ ଜାଣ
ଶ୍ରୀଜଗନ୍ନାଥ ତାକୁ ଚିହ୍ନ ।’

**ଚତୁର୍ଦ୍ଧାମୂର୍ତ୍ତି**

‘ଜ’ କାରଶ୍ଚ ଜଗନ୍ନାଥ
‘ଗ’ କାରଶ୍ଚ ବଳଭଦ୍ରଂ
ଭଦ୍ରା ‘ନ’ କାର ଭାବେନ
‘ଥ’ କାରଶ୍ଚ ସୁଦର୍ଶନଂ ।

ଏହି ଚତୁର୍ଦ୍ଧାମୂର୍ତ୍ତି ହିଁ ଜଗନ୍ନାଥ ବୋଲି କୁହାଯାଇଥାଏ ।

**ଚାରିଧାମ -** ଭାରତର ପୂର୍ବରେ ପୁରୁଷୋତ୍ତମ, ପଶ୍ଚିମରେ ଦ୍ୱାରିକା, ଦକ୍ଷିଣରେ ରାମେଶ୍ୱର ଏବଂ ଉତ୍ତରରେ ବଦ୍ରିକାଧାମ ଅବସ୍ଥିତ ।

**ରଥର ଆଦ୍ୟ ପର୍ଯ୍ୟାୟ -** ସୋମବଂଶୀ ରାଜା ଯଯାତି କେଶରୀଙ୍କ ରାଜତ୍ୱକାଳରେ ଶ୍ରୀଜୀଉମାନଙ୍କ ରଥ ପୁରୀର ବଳଗଣ୍ଡି ପର୍ଯ୍ୟନ୍ତ ଯାଉଥିଲା । ସେତେବେଳେ ପର୍ଯ୍ୟନ୍ତ ରଥଗୁଡ଼ିକର ଉଚ୍ଚତା ୧୮ ହାତ ଥିଲା ।

**ରଥର ମଧ ପର୍ଯ୍ୟାୟ -** ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ ସମୟରେ ପୁରୀର ବଳଗଣ୍ଡି ପର୍ଯ୍ୟନ୍ତ ଯାଉଥିବା ଶ୍ରୀଜୀଉମାନଙ୍କର ରଥଗୁଡ଼ିକର ଉଚ୍ଚତା ୩୨ ହାତ ରଖାଯାଇଥିଲା ।

**ନନ୍ଦିଘୋଷ ରଥ -** ଜଗତର ନାଥ ଶ୍ରୀଜଗନ୍ନାଥ ଏହି ରଥରେ ବିରାଜମାନ କରନ୍ତି । ଏହାର ଉଚ୍ଚତା ୩୩ ହାତ ୫ ଅଙ୍ଗୁଳ ଏବଂ ପରିଧି ୫ ହାତ । ୮୩୨ ଖଣ୍ଡ କାଠରେ ଏହି ରଥଟି ନିର୍ମିତ । ଗରୁଡ଼ ଏହାର ରକ୍ଷକ ଅଟନ୍ତି । ଏହି ରଥର ଚକ ସଂଖ୍ୟା ୧୬ ଅଟେ । ରଥର ସାରଥୀଙ୍କ ନାମ 'ଦାରୁକ' ଏବଂ ରଥରେ ଲାଗିଥିବା ୪ ଗୋଟି ଅଶ୍ୱଙ୍କ ନାମ ହେଉଛି - ଶଙ୍ଖ, ବଳାହକ, ଶ୍ୱେତ ଓ ହରିତାଶ୍ୱ । ଏହି ଅଶ୍ୱମାନଙ୍କର ରଙ୍ଗ ସମ୍ପୂର୍ଣ୍ଣ ଧଳା ଅଟେ । ରଥର ଧ୍ୱଜାରେ ଶ୍ରୀହନୁମାନ ବିରାଜମାନ । ରଥଟି ହଳଦିଆ ଓ ନାଲି (ରକ୍ତ ଓ ପୀତ) ରଙ୍ଗ ବସ୍ତ୍ରରେ ସଜ୍ଜିତ ହୋଇଥାଏ । ଏହି ରଥର ଚତୁଃପାର୍ଶ୍ୱରେ ବିରାଜିତ ନବଦେବତା ହେଉଛନ୍ତି - ଶ୍ରୀରାମ, ଲକ୍ଷ୍ମଣ, ଶ୍ରୀହନୁମାନ, ନାରାୟଣ, ଶ୍ରୀକୃଷ୍ଣ, ଗୋବର୍ଦ୍ଧନଧାରୀ, ଚିନ୍ତାମଣି, ରାଘବ ଓ ନୃସିଂହ । ଦେବରାଜ ଇନ୍ଦ୍ରଙ୍କ ଦ୍ୱାରା ଏହି ନନ୍ଦିଘୋଷ ରଥଟି ଶ୍ରୀଜୀଉଙ୍କୁ ପ୍ରଦାନ କରାଯାଇଥିଲା ।

**ତାଳଧ୍ୱଜ ରଥ -** ଏହି ରଥଟିକୁ ଦେବତମାନେ ତାଳବନରେ ଶ୍ରୀବଳଭଦ୍ର ଜୀଉଙ୍କୁ ପ୍ରଦାନ କରିଥିବାରୁ ଏହାର ନାମ ତାଳଧ୍ୱଜ ରଖାଯାଇଛି । ଏହାର ଉଚ୍ଚତା ୩୨ ହାତ ୧୦ ଅଙ୍ଗୁଳ । ୭୬୩ ଖଣ୍ଡ କାଠରେ ଏହା ନିର୍ମିତ । ଏହି ରଥର ଚକ ସଂଖ୍ୟା ୧୪ ଅଟେ । ରଥର ରକ୍ଷକଙ୍କ ନାମ ଭାସ୍କର । ନନ୍ଦ ଓ ସୁନନ୍ଦ ଏହାର ଦ୍ୱାରପାଳ । ଏହି ରଥର ସାରଥୀଙ୍କ ନାମ ପ୍ରଦ୍ୟୁମ୍ନ ବା ତାଳଧ୍ୱଜ । ରଥରେ ଲାଗିଥିବା ଚାରିଗୋଟି ଅଶ୍ୱଙ୍କ ନାମ ହେଉଛି - ତୀବ୍ର, ଘୋର, ଦୀର୍ଘ ଓ ସ୍ୱର୍ଣ୍ଣନାଭ । ଏମାନଙ୍କର ରଙ୍ଗ ସମ୍ପୂର୍ଣ୍ଣ କଳା । ରଥର ଆବରଣ ଲାଲ ଓ ଶାଗୁଆ ଅଟେ । ଏହି ରଥରେ ବିରାଜମାନ କରିଥିବା ଅଷ୍ଟ ଦେବତାମାନଙ୍କ ନାମ ହେଉଛି - ପ୍ରତାମ୍ବରୀ, ଗଦାନ୍ତକାରୀ, ହରିହର, ତ୍ରୈମ୍ବୁକ, ବାସୁଦେବ, ନାଟାମ୍ବର, ଅଘୋର, ତ୍ରିପୁରାରୀ, ଶିବ ।

**ଦେବଦଳନ ରଥ -** ମା' ସୁଭଦ୍ରା ଦେବୀଙ୍କ ରଥର ନାମ ହେଉଛି ଦେବଦଳନ । ଏହାକୁ ଦର୍ପଦଳନ ବା ପଦ୍ମଧ୍ୱଜା ବୋଲି ମଧ କୁହାଯାଇଥାଏ । ଏହାର ଉଚ୍ଚତା ୩୧ ହାତ ଏବଂ ୫୯୩ ଖଣ୍ଡ କାଠରେ ଏହା ନିର୍ମିତ । ଏଥିରେ ୧୨ଟି ଚକ ଲାଗିଥାଏ । ଏହାର ରକ୍ଷକ ଉଗ୍ରଚଣ୍ଡୀ । ଦେବଦଳନ ବା ଦର୍ପଦଳନ ରଥର ସାରଥୀଙ୍କ ନାମ ଅର୍ଜ୍ଜୁନ ବା ଦେବଦତ୍ତ । ଏହି ରଥରେ ବ୍ୟବହୃତ ୪ ଗୋଟି ଅଶ୍ୱଙ୍କ ନାମ ହେଉଛି - ରଚିକା, ମୃଚିକା, ଜିତା ଓ ଅପରାଜିତା । ଏମାନଙ୍କର ରଙ୍ଗ କସରା ଅଟେ । ଏହି ରଥର ଦ୍ୱାରପାଳ ହେଉଛନ୍ତି ଘୋରା ଓ ଅଘୋରା । ରଥ ଅଧୀଶ୍ୱରୀ ମା' ସୁଭଦ୍ରାଙ୍କ ନିର୍ଦ୍ଦେଶରେ ଦେବଦଳନ ଚତୁଃପାର୍ଶ୍ୱରେ ବିଦ୍ୟମାନ ଥିବା ନବ ମହାଶକ୍ତି ହେଉଛନ୍ତି - ବିମଳା ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡିକା, ମଙ୍ଗଳା, ବରାହୀ, କାତ୍ୟାୟିନୀ, ଜୟଦୁର୍ଗା ଓ କାଳୀ ।

**ଛପନ ଭୋଗ -** ୧. ଅଟକାଳି, ୨. ଅମାଲୁ, ୩. ଏଣ୍ଡୁରୀ, ୪. ଆରିଷା, ୫. କଦମ୍ବ, ୬. କାକରା, ୭. କାନ୍ତି, ୮. କୋଳି, ୯. କୋରା, ୧୦. ଖଇରଚୂଳ, ୧୧. ଖଜା, ୧୨. ଖିରୀ, ୧୩. ଖୁରୀଷା, ୧୪. ଖୁରୁମା, ୧୫. ଖେଚୁଡ଼ି, ୧୬. ଖଇଠା, ୧୭. ଗଜା, ୧୮. ଗୋଟାଳୀ, ୧୯. ଚକଟା, ୨୦. ଚକୁଳି, ୨୧. ଚିଡଉ, ୨୨. ଛୁଞ୍ଚିପତ୍ର, ୨୩. ଜଗନ୍ନାଥ ବଲ୍ଲଭ, ୨୪. ଜେନାମଣି, ୨୫. ଝିଲି ୨୬. ଡାକୁଆ, ୨୭. ଡାଲି, ୨୮. ଚକାଅବସର, ୨୯. ତ୍ରିପୁରୀ, ୩୦. ଧଉଳା, ୩୧. ନାଡ଼ି, ୩୨. ପଣସୁଆ, ୩୩. ପଣା, ୩୪. ପାଚେଡ଼ି, ୩୫. ପାପୁଡ଼ି, ୩୬. ପାଳୁଅ, ୩୭. ପଖାଳ, ୩୮. ପିଠା, ୩୯. ପୁରୀ, ୪୦. ଫେଣୀ, ୪୧. ପୁଳି, ୪୨. ବଡ଼ା, ୪୩. ବଳିବାମନ, ୪୪. ଭଜା, ୪୫. ମଣ୍ଡା, ୪୬. ମନୋହର, ୪୭. ମହାଦେଇ, ୪୮. ମାଣ୍ଡୁଅ, ୪୯. ମୋହନ ଭୋଗ, ୫୦. ରସାବଳୀ, ୫୧. ଲଡୁ, ୫୨. ରାଧାବଲ୍ଲଭ, ୫୩. ଲହୁଣୀଖିଆ, ୫୪. ଲକ୍ଷ୍ମୀବିଳାସ, ୫୫. ସରସ୍ୱତୀଆ ଓ ୫୬. ହଂସବଲ୍ଲଭ ।

**ଏକବିଂଶ ବେଶର ନାମ -** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅନେକ ବେଶ ଅଛି । ତନ୍ମଧ୍ୟରୁ ୨୧ ଗୋଟି ପ୍ରଧାନ ବେଶର ନାମ ହେଉଛି - ୧. ଅବକାଶ ତଡ଼ପ ଉତୁରୀ ବେଶ, ୨. ନିତ୍ୟ ବଡ଼ ଶୃଙ୍ଗାର ବେଶ, ୩. ବିଶିଷ୍ଟ ରଘୁନାଥ ବେଶ, ୪. ଚନ୍ଦନ ଲାଗି ବେଶ, ୫. ଗଣପତି ବେଶ ବା ହାତୀ ବେଶ, ୬. ରଥ ଉପରିସ୍ଥ ବଡ଼ ତଡ଼ାଉ ବେଶ ବା ସୁନାବେଶ, ୭. ବଣଭୋଜୀ ବେଶ, ୮. କାଳୀୟଦଳନ ବେଶ, ୯. ପ୍ରଳମ୍ବାସୁର ବଧ ବେଶ, ୧୦. କୃଷ୍ଣ ବଳରାମ ବେଶ, ୧୧. ବଳୀ ବାମନ ବେଶ, ୧୨. ରାଧା ଦାମୋଦର ବେଶ, ୧୩. ଠିଆ କିଆ ବେଶ, ୧୪. ବାଙ୍କଚୂଡ଼ା ବେଶ, ୧୫. ଆଡ଼କିଆ ବେଶ, ୧୬. ଡାଳିକିଆ ବେଶ, ୧୭. ରାଜରାଜେଶ୍ୱର ବେଶ, ୧୮. ନାଗାର୍ଜ୍ଜୁନ ବେଶ, ୧୯. ଘୋଡ଼ଲାଗି ବେଶ, ୨୦. ପଦ୍ମବେଶ, ୨୧. ଗଜ ଉଦ୍ଧାରଣ ବେଶ

**ସହାୟକ ଗ୍ରନ୍ଥସୂଚୀ**


୧. ଶ୍ରୀଜଗନ୍ନାଥ ତତ୍ତ୍ୱ - ବାବା ମଧୁସୂଦନ

୨. ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଜିଜ୍ଞାସା - ପଣ୍ଡିତ ଶ୍ରୀ ଚାରଣ ରାମଦାସ

୩. ରଥଯାତ୍ରା ବିଶେଷାଙ୍କ - ଉତ୍କଳ ପ୍ରସଙ୍ଗ, ୧୯୬୭ରୁ ୧୯୭୮

୪. ଶ୍ରୀମନ୍ଦିର ସମାଚାର - ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସୌଜନ୍ୟରୁ ପ୍ରକାଶିତ



ନିଆଳୀ
କଟକ